# NATIONAL NEWS BULLETIN (ODIA)

**1 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆଧ୍ୟାତ୍ମିକ, ପରିବେଶଗତ ଏବଂ ସ୍ୱାସ୍ଥ୍ୟକ୍ଷେତ୍ର ସହିତ ଜଡିତ ପର୍ଯ୍ୟଟନକୁ ସରକାର ଦେଉଛନ୍ତି ପ୍ରାଧାନ୍ୟତା - କହିଲେ ପ୍ରଧାନମନ୍ତ୍ରୀ ।

- ପୁଡୁଚେରୀଠାରେ ୨ହଜାର ୭୦୦କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର କଲେ ଶିଳାନ୍ୟାସ ଓ ଲୋକାର୍ପଣ ।

- ପଶ୍ଚିମ ଏସିଆରେ ଦେଖାଦେଇଥିବା ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ସେଠାର ବିଦେଶୀ ନାଗରିକମାନଙ୍କର ଭିସା ଅବଧି ଏବଂ ଅବସ୍ଥାନକୁ ନିୟମିତ କରିବା ନେଇ ସରକାରଙ୍କ ପକ୍ଷରୁ ପରାମର୍ଶାବଳୀ ଜାରି ।

- ନ୍ୟାୟପାଳିକା ପ୍ରତି ଦେଶର ଲୋକମାନଙ୍କର ବିଶ୍ୱାସ ଓ ସମ୍ମାନ ନିରନ୍ତର ଭାବେ ବୃଦ୍ଧି ପାଉଛି - କହିଲେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ।

- ନାଗପୁର ରାଉଲଗାଓଁ କାରଖାନାରେ ଘଟିଥିବା ବିସ୍ଫୋରଣରେ ୧୭ଜଣଙ୍କ ମୃତ୍ୟୁ ।

ଏବଂ

- ପୁରୁଷ ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାରେ ଅପରାହ୍ଣ ୩ଟାରେ ଜିମ୍ବାୱେ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବ ମ୍ୟାଚ୍ ।

# ପିଏମ୍-ପୁଡୁଚେରୀ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୁଡୁଚେରୀଠାରେ ୨ହଜାର ୭୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ସହ ଅନ୍ୟ କେତେକର ଶିଳାନ୍ୟାସ କରିଛନ୍ତି । ସମାବେଶକୁ ସମ୍ବୋଧନ କରି ଶ୍ରୀ ମୋଦୀ କହିଛନ୍ତି ଆଧ୍ୟାତ୍ମିକ, ପରିବେଶଗତ ଏବଂ ସ୍ୱାସ୍ଥ୍ୟକ୍ଷେତ୍ର ପର୍ଯ୍ୟଟନରେ ନିବେଶ ସହିତ ସରକାର ପୁଡୁଚେରୀକୁ ଉନ୍ନତି ପଥରେ ଅଗ୍ରସର କରାଉଛନ୍ତି । ପୁଡୁଚେରୀରେ ମୁଣ୍ଡପିଛା ଆୟ ବୃଦ୍ଧି ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଡବଲ ଇଞ୍ଜିନ ସରକାର ଏହି ଅଞ୍ଚଳର ଅଭିବୃଦ୍ଧିକୁ ଅଧିକ ଗତିଶୀଳ କରିଛି । ପୁଡୁଚେରୀ ଏକ ଚିକିତ୍ସା ପର୍ଯ୍ୟଟନ କେନ୍ଦ୍ର ଭାବେ ଉଭା ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଶ୍ରୀ ମୋଦୀ ୧ହଜାର ୧୪୨କୋଟି ୨୩ଲକ୍ଷ ଟଙ୍କା ମୂଲ୍ୟର ୧୯ଟି ପ୍ରକଳ୍ପର ମଧ୍ୟ ଉଦ୍‌ଘାଟନ କରିଛନ୍ତି । ସେଥିମଧ୍ୟରେ ଇ-ବସ୍ ଚଳାଚଳ, ସ୍ମାର୍ଟସିଟି ମିଶନ ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ, ଦୁର୍ବଳ ଶ୍ରେଣୀଙ୍କ ପାଇଁ ଆବାସ ଏବଂ ପୁଡୁଚେରୀ ସରକାରଙ୍କ ପ୍ରମୁଖ ସ୍ୱେରେଜ୍ ଓ ଜଳଯୋଗାଣ ପ୍ରକଳ୍ପ ଅନ୍ତର୍ଭୁକ୍ତ । ୭୫୦ଏକର କରସୁର-ସେଦାରପେଟ ଶିଳ୍ପ ଇଷ୍ଟେଟ୍ ବିକାଶ ନେଇ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ପୁଡୁଚେରୀରେ ୧ହଜାର ୫୭୧କୋଟି ୭୩ ଲକ୍ଷ ଟଙ୍କା ମୂଲ୍ୟର ୭୪ଟି ପ୍ରକଳ୍ପର ଶ୍ରୀ ମୋଦୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ପ୍ରକଳ୍ପଗୁଡ଼ିକ

ମଧ୍ୟରେ ଗ୍ରାମୀଣ ରାସ୍ତା ନିର୍ମାଣ, ସହରାଞ୍ଚଳ ଯୋଗାଯୋଗ, ଡ୍ରେନେଜ୍ ନେଟଓ୍ୱର୍କ, ଛାତ୍ରାବାସ, କ୍ରୀଡ଼ାକମ୍ପ୍ଲେକ୍ସ ଆଦି ଅନ୍ତର୍ଭୁକ୍ତ । ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଅରୋଭିଲରେ ବିଶ୍ୱ ଅପରାହ୍ଣରେ ଶ୍ରୀ ମୋଦୀ ମଦୁରାଇ ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟସୂଚୀ ରହିଛି ।

## ଏମ୍‌ଇଏ ଆଡଭାଇଜର

ପଶ୍ଚିମ ଏସିଆରେ ସୃଷ୍ଟ ଯୁଦ୍ଧ ପରିସ୍ଥିତି ଯୋଗୁଁ ଭାରତରେ ଥିବା ସେଠାକାର ନାଗରିକଙ୍କ ଭିସା ଅବଧି ବୃଦ୍ଧି ଏବଂ ଅବସ୍ଥାନକୁ ନିୟମିତ କରିବା ଲକ୍ଷ୍ୟ ନେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ପରାମର୍ଶବଳୀ ଜାରି କରାଯାଇଛି । ବିଦେଶୀ ନାଗରିକମାନେ ଏ ସମ୍ପର୍କରେ ନିକଟତମ ବିଦେଶୀ ଆଞ୍ଚଳିକ ପଞ୍ଜିକରଣ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଭିସା ସମୟ ବୃଦ୍ଧି ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ପଞ୍ଜିକରଣ କାର୍ଯ୍ୟାଳୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ ବୋଲି ପରାମର୍ଶବଳୀରେ ସ୍ପଷ୍ଟ କରାଯାଇଛି ।

ଅନ୍ୟପକ୍ଷରେ ପଶ୍ଚିମ ଏସିଆ ଅଞ୍ଚଳରେ ଥିବା ପ୍ରବାସୀ ଭାରତୀୟଙ୍କୁ ଦୂତାବାସ ପକ୍ଷରୁ ଜାରି କରାଯାଇଥିବା ପରାମର୍ଶବଳୀକୁ ପାଳନ କରିବାକୁ କୁହାଯାଇଛି । ଭାରତୀୟଙ୍କୁ ସେହି ଅଞ୍ଚଳରେ ସତର୍କତା ଅବଲମ୍ବନ

କରିବାକୁ କୁହାଯିବା ସହିତ ଅନାବଶ୍ୟକ ଚଳାଚଳକୁ ଏଡାଇବାକୁ ପରାମର୍ଶ ଦିଆଯାଇଛି । ଯୁଦ୍ଧ ପରିସ୍ଥିତି ନେଇ ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ପ୍ରବାସୀ ଭାରତୀୟଙ୍କୁ ସହଯୋଗ ପ୍ରଦାନ କରିବା ଲକ୍ଷ୍ୟନେଇ ସଂପୃକ୍ତ ଭାରତୀୟ ଦୂତାବାସ ଗୁଡ଼ିକ ପକ୍ଷରୁ ଜରୁରୀକାଳୀନ ଟେଲିଫୋନ୍ ନମ୍ବର ଏବଂ ଇ-ମେଲ୍ ଆଇଡି ପ୍ରଦାନ କରାଯାଇଛି । ଆବଶ୍ୟକସ୍ଥଳେ ଟେଲିଫୋନ୍ ନମ୍ବର ଏବଂ ଇ-ମେଲ୍ ଆଇଡି ମାଧ୍ୟମରେ ଯଥାଶୀଘ୍ର ଯୋଗାଯୋଗ କରିବାକୁ ଦୂତାବାସ ଗୁଡ଼ିକ ପକ୍ଷରୁ କୁହାଯାଇଛି ।

## ସିଜେଆଇ-ଏପି

ନ୍ୟାୟପାଳିକାଙ୍କ ପ୍ରତି ଲୋକଙ୍କର ବିଶ୍ୱାସ ଏବଂ ସମ୍ମାନ ନିରନ୍ତର ବୃଦ୍ଧି ପାଉଛି ବୋଲି ପ୍ରଧାନବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି । ଆନ୍ଧ୍ରପ୍ରଦେଶର ତିରୁପତି ଗ୍ରାମୀଣ ମଣ୍ଡଳସ୍ଥିତ ଡାମିନେଡୁଠାରେ ଆଜି ଏକ ନୂତନ ଜିଲ୍ଲା କୋର୍ଟ ପରିସରର ଭିତ୍ତିପ୍ରସ୍ତର ସ୍ଥାପନ କରିବା ଅବସରରେ ଜଷ୍ଟିସ ସୂର୍ଯ୍ୟକାନ୍ତ ସମୟାନୁବର୍ତ୍ତୀ ନ୍ୟାୟ ପ୍ରଦାନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି । ନ୍ୟାୟପ୍ରଦାନ ବ୍ୟବସ୍ଥା କେବଳ ଖଣ୍ଡପୀଠଙ୍କର ଦାୟିତ୍ୱ ନୁହେଁ ବରଂ ଆଇନ୍‌ଜୀବୀମାନେ ଏଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ଖଣ୍ଡପୀଠ ଏବଂ ବାର୍ ଗୋଟିଏ ଅନୁଷ୍ଠାନର ଦୁଇ ହାତ ବୋଲି ବର୍ଣ୍ଣନା କରି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି ଆଇନ୍‌ଜୀବୀଙ୍କ

ସହଯୋଗ ଏବଂ ଦକ୍ଷ ପରିଚାଳନା ବିଚାରବିଭାଗକୁ ଯୁକ୍ତିଯୁକ୍ତ ଏବଂ ସ୍ୱଷ୍ଟ ନିଷ୍ପତ୍ତି ପ୍ରଦାନ କରିବାରେ ସହାୟକ ହୋଇଥାଏ । ଏହାଦ୍ୱାରା ନ୍ୟାୟ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଦୃଢ଼ ହୋଇଥାଏ । କୋର୍ଟ ପରିସରଗୁଡ଼ିକ ହସ୍ପିଟାଲ ଭଳି କାର୍ଯ୍ୟ କରିବା ଉଚିତ୍ । ନ୍ୟାୟଭିକ୍ଷା ପାଇଁ କୋର୍ଟକୁ ଆସୁଥିବା ଜଣେ ବ୍ୟକ୍ତି ନିଜକୁ ନିରାପଦ ଅନୁଭବ କରିବା ସହିତ ସମସ୍ୟାର ସମାଧାନ ଦିଗରେ ନିଶ୍ଚିତ ହେବା ଉଚିତ୍ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି ।

# ନାଗପୁର – ଏକ୍ସପ୍ଲୋସିଅନ

ନାଗପୁରର ରାଉଲଗାଓଁସ୍ଥିତ ଏସ୍‌ବିଏଲ୍ ଏନର୍ଜି ଲିମିଟେଡ୍‌ରେ ଏକ ବଡଧରଣର ବିସ୍ଫୋରଣ ଯୋଗୁଁ ୧୭ଜଣଙ୍କର ମୃତ୍ୟୁ ହୋଇଛି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିଶ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ବିସ୍ଫୋରଣରେ ୮ଜଣ ଶ୍ରମିକ ଆହତ ହୋଇଥିବାର ଜଣାପଡିଛି । ବିସ୍ଫୋରଣ ଯୋଗୁଁ ସେଠାରେ ଅଗ୍ନିକାଣ୍ଡ ହୋଇଛି । ଏନ୍‌ଡିଆର୍‌ଏଫ୍ ଓ ଏସ୍‌ଡିଆର୍‌ଏଫ୍ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାରକାର୍ଯ୍ୟ କରୁଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ଫଡନବିଶ ଏହି ଘଟଣାରେ ଦୁଃଖପ୍ରକାଶ କରିବା ସହ ପ୍ରାଣ ହରାଇଥିବା ଶ୍ରମିକଙ୍କ ପରିବାର ପାଇଁ ୫ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି ।

ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖପ୍ରକାଶ କରିବା ସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ସମବେଦନା ଜ୍ଞାପନ କରିଛନ୍ତି । ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠିରୁ ମୃତକଙ୍କ ନିକଟସମ୍ପର୍କୀୟଙ୍କ ଲାଗି ୨ଲକ୍ଷଟଙ୍କା ଏବଂ ଆହତଙ୍କ ଲାଗି ୫୦ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

## ସେମି କନେକ୍ଟ କନ୍‌ଫରେନ୍ସ

ଗୁଜୁରାଟର ଗାନ୍ଧୀନଗର ମହାତ୍ମା ମନ୍ଦିରଠାରେ ଆଜି ଗୁଜୁରାଟ ସେମି କନେକ୍ଟ ସମ୍ମିଳନୀ ୨୦୨୬ ଆରମ୍ଭ ହେବ । ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଏବଂ ଉପମୁଖ୍ୟମନ୍ତ୍ରୀ ହର୍ଷ ସାଙ୍ଘଭୀ ଏହି ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବେ । ସମ୍ମିଳନୀର ଏହି ତୃତୀୟ ସଂସ୍କରଣ ଏକ ଇଲେକ୍ଟ୍ରୋନିକ୍ସ ଇକୋ ସିଷ୍ଟମ ପ୍ରସ୍ତୁତ କରିବାରେ ବିଶ୍ୱସ୍ତରୀୟ ଶିଳ୍ପୋଦ୍ୟୋଗୀ ଏବଂ ଆନ୍ତର୍ଜାତିକ ଅଂଶୀଦାରଙ୍କୁ ଏକତ୍ରିତ କରିବ । ପ୍ରଯୁକ୍ତିବିଦ୍ୟା ଆଧାରିତ ଆତ୍ମନିର୍ଭରଶୀଳ ଭାରତ ଦୃଷ୍ଟିକୋଣକୁ ଗତିଶୀଳ କରିବାରେ ଏହି ସମ୍ମିଳନୀ ଏକ ମଞ୍ଚ ପ୍ରଦାନ କରିବ ବୋଲି କୁହାଯାଇଛି । ସମ୍ମିଳନୀରେ ଟାଟା ଇଲେକ୍ଟ୍ରୋନିକ୍ସ ଏବଂ ମାଇକ୍ରୋନ ଟେକ୍ନୋଲୋଜି ଭଳି ଶିଳ୍ପ ଉଦ୍ୟୋଗ ସମେତ ୮ଟି ଦେଶକୁ ପ୍ରତିନିଧିତ୍ୱ କରୁଥିବା ଅଢ଼େଇହଜାରରୁ

ଅଧିକ ପ୍ରତିନିଧି ଅଂଶଗ୍ରହଣ କରୁଛନ୍ତି । ଏହି ଦୁଇଦିନିଆ ଶିଖର ସମ୍ମିଳନୀରେ ସେମି କଣ୍ଡକ୍ଟର କ୍ଷେତ୍ରରେ ଆର୍ଥିକ ସହଯୋଗ ତଥା ପରିଚାଳନାଗତ ଉନ୍ନତିକୁ ଆଧାର କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ବୈଠକ ଅନୁଷ୍ଠିତ ହେବ ।

## ସିବିଆଇସି-ଇଏମ୍ଆଇ ସ୍କିମ୍

କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମା ଶୁଳ୍କ ବୋର୍ଡ-ସିବିଆଇସି ଯୋଗ୍ୟ ଉତ୍ପାଦକ ଆମଦାନୀକାରୀଙ୍କ ପାଇଁ ଏକ ବିକଳ୍ପ ସୀମାଶୁଳ୍କ ଦେୟପ୍ରଦାନ ବ୍ୟବସ୍ଥା ଆରମ୍ଭ କରିଛି । ବୋର୍ଡ ପକ୍ଷରୁ ଆଜି ଏହି ଯୋଜନା ସଂକ୍ରାନ୍ତ ଯୋଗ୍ୟତା ଏବଂ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ଯୋଗ୍ୟ ଉତ୍ପାଦକ ଆମଦାନୀକାରୀମାନେ ଏଣିକି ସୀମାଶୁଳ୍କ ଦେୟ ପ୍ରଦାନ ନ କରି ମଧ୍ୟ ଆମଦାନୀ ହୋଇଥିବା ସାମଗ୍ରୀକୁ ସଂଗ୍ରହ କରିପାରିବେ । ଏହାବଦଳରେ ମାସିକ ଭିତ୍ତିରେ ପ୍ରଯୁଜ୍ୟ ଶୁଳ୍କକୁ ପ୍ରଦାନ କରିପାରିବେ । ନିର୍ମାତାଙ୍କୁ ନଗଦ ଅର୍ଥ ପ୍ରଦାନ ଏବଂ କାର୍ଯ୍ୟକ୍ଷମ ପୁଞ୍ଜିକୁ ଭଲଭାବରେ ପରିଚାଳନା କରିବାରେ ସହଯୋଗ ପ୍ରଦାନ କରିବ । ଅର୍ଥ ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଜାରି କରି କହିଛି ଏହି ପଦକ୍ଷେପ ବ୍ୟବସାୟ କରିବାର ସହଜତାକୁ ଅଧିକ ଉନ୍ନତ କରିବା ସହିତ ଅନୁପାଳନକୁ ସୁଦୃଢ଼ କରିବା ସହିତ ଘରୋଇ ଉତ୍ପାଦ ବୃଦ୍ଧିରେ ସହାୟକ ହେବ ବୋଲି ମନ୍ତ୍ରଣାଳୟ ଆଶାବ୍ୟକ୍ତ

କରିଛି । ଏହି ସୁବିଧା ଆସନ୍ତା ମାସ ପହିଲାରୁ ଆରମ୍ଭ ହୋଇ ୨୦୨୮ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ ।

## ଇଣ୍ଡିଆ-ମିଲ୍କ ପ୍ରଡକ୍ସନ

ବିଶ୍ୱସ୍ତରରେ ଦୁଗ୍ଧ ଉତ୍ପାଦନରେ ଭାରତ ନିରନ୍ତର ଭାବେ ଶୀର୍ଷସ୍ଥାନ ବଜାୟ ରଖିଛି । ମୋଟ୍ ଦୁଗ୍ଧ ଉତ୍ପାଦନରେ ପ୍ରାୟ ୨୫ ପ୍ରତିଶତ ଭାରତର ଯୋଗଦାନ ରହିଛି । ଗତ ଦଶନ୍ଧି ମଧ୍ୟରେ ଏହି କ୍ଷେତ୍ର ୬ ପ୍ରତିଶତ ଚକ୍ରବୃଦ୍ଧି ହାରରେ ଅଭିବୃଦ୍ଧି ହାସଲ କରି ରେକର୍ଡ କରିଛି । ୨୦୧୪-୧୫ରେ ଦୁଗ୍ଧ ଉତ୍ପାଦନ ୧୪୬ ନିୟୁତ ଟନ୍ ରହିଥିବାବେଳେ ୨୦୨୪-୨୫ରେ ଏହା ୬୯ଦଶମିକ ୪ ପ୍ରତିଶତ ଅଭିବୃଦ୍ଧି ସହ ୨୪୭ ନିଉଟନ୍‌ରେ ପହଞ୍ଚିଛି । ୨୦୨୪-୨୫ରେ ବିଶ୍ୱସ୍ତରରେ ହାରାହାରି ମୁଣ୍ଡପିଛା କ୍ଷୀର ଉପଲବ୍ଧତା ୩୨୮ ଗ୍ରାମ୍ ରହିଥିବାବେଳେ ଭାରତରେ ଏହା ୪୮୫ ଗ୍ରାମ୍ ହୋଇଥିଲା । କୃଷିବିକାଶ ଆଧାରିତ ପଶୁପାଳନ, ଦୁଗ୍ଧ, କୁକୁଡା ଏବଂ ମତ୍ସ୍ୟଚାଷ ଭଳି ଆନୁଷଙ୍ଗିକ କ୍ଷେତ୍ରର ପ୍ରସାର ଦ୍ୱାରା ଦେଶରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ର ଅଧିକ ବୃଦ୍ଧି ପାଇଥିବା ଆକଳନ କରାଯାଇଛି । ଗ୍ରାମାଞ୍ଚଳ ବିକାଶ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଏହା ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଥିବା ଜଣାପଡିଛି ।

# ମନୋହର-ବି

ଭାରତ ଏକ ବିଦ୍ୟୁତ୍ ଅଭାବୀ ରାଷ୍ଟ୍ରରୁ ବଳକା ଶକ୍ତି ଦେଶ ଭାବେ ପରିଣତ ହୋଇଛି ବୋଲି ଶକ୍ତିମନ୍ତ୍ରୀ ମନୋହରଲାଲ କହିଛନ୍ତି । ନୂଆଦିଲ୍ଲୀରେ ଆଜି ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍‌ସି ବି.ଇ.ଇର ୨୫ତମ ପ୍ରତିଷ୍ଠା ଦିବସ ସମାରୋହକୁ ସମ୍ବୋଧନ କରି ଶ୍ରୀ ଲାଲ କହିଛନ୍ତି ଆଗାମୀ ବର୍ଷଗୁଡ଼ିକରେ ବିଦ୍ୟୁତ୍ ଚାହିଦା ବୃଦ୍ଧିପାଇବାର ସମ୍ଭାବନା ରହିଛି । ଏହି ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ପାଇଁ ଆଗାମୀ ୫ ବର୍ଷ ମଧ୍ୟରେ ଅତିରିକ୍ତ ୩୦ ଗିଗାୱାଟ ବିଦ୍ୟୁତ୍‌ଶକ୍ତି ଆବଶ୍ୟକ ପଡିବ ବୋଲି ମନ୍ତ୍ରୀ ଶ୍ରୀ ଲାଲ କହିଛନ୍ତି । ଶକ୍ତି ଦକ୍ଷତା ବ୍ୟୁରୋ, ଶକ୍ତି ସଂରକ୍ଷଣ ପଦକ୍ଷେପ ମାଧ୍ୟମରେ ୫୦ ହଜାର କୋଟି ଟଙ୍କାର ବିଦ୍ୟୁତ୍ ସଞ୍ଚୟ କରିପାରିଛି । ଏଭଳି ପ୍ରୟାସ ତାପଜ ବିଦ୍ୟୁତ୍ ଉତ୍ପାଦନ ଆବଶ୍ୟକତାକୁ ହ୍ରାସ କରିବାରେ ସହାୟକ ହେବା ସହିତ ସ୍ୱଚ୍ଛ ଏବଂ ସବୁଜ ଶକ୍ତି ପରିବର୍ତ୍ତନକୁ ସମର୍ଥନ ପ୍ରଦାନ କରୁଛି । ଦେଶରେ ଶକ୍ତି ତୀବ୍ରତାର ଉନ୍ନତିହାର ୪ ପ୍ରତିଶତ ରହିଛି, ଯାହାକି ବିଶ୍ୱର ହାରାହାରି ପ୍ରାୟ ୧ ଦଶମିକ ୮ ପ୍ରତିଶତ ତୁଳନାରେ ଯଥେଷ୍ଟ ଅଧିକ ବୋଲି ଶ୍ରୀ ଲାଲ ସୂଚନା ଦେଇଛନ୍ତି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଲାଲ ବି.ଇ.ଇ ଷ୍ଟାର ଲେବଲ ମୋବାଇଲ ଆପ୍ ଲଞ୍ଚ କରିବା ସହ ନୂତନ **BEE@25** ଲୋଗୋ ଉନ୍ମୋଚନ କରିଛନ୍ତି ।

# ଟି-୨୦ ୱାର୍ଲ୍ଡକପ

ଆଇସିସି ପୁରୁଷ ଟି-୨୦ ବିଶ୍ୱକପ କ୍ରିକେଟ ପ୍ରତିଯୋଗିତାରେ ଆଜି ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ । କଲକାତାର ଇଡେନ୍ ଗାର୍ଡେନ୍ସଠାରେ ସଂଧ୍ୟା ୭ଟାରେ ଗ୍ରୁପ୍-୮ ପର୍ଯ୍ୟାୟର ଏହି ଅନ୍ତିମ ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍‌ର ବିଜେତା ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହେବେ ।

ତେବେ ଆଜିର ପ୍ରଥମ ମ୍ୟାଚ୍ ଅପରାହ୍ନ ୩ଟାରେ ଜିମ୍ବାୱେ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହେବ । ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମଠାରେ ଏହି ମ୍ୟାଚ୍ ଅପରାହ୍ଣ ୩ଟାରେ ଆରମ୍ଭ ହେବ । ଆସନ୍ତା ୪ ଏବଂ ୫ ତାରିଖରେ ସେମିଫାଇନାଲ ଏବଂ ୮ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ।